## ସ୍ୱତନ୍ତ୍ର ସଂକ୍ଷିପ୍ତ ଫଟୋ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ-୨୦୨୦ ।
## ଚୂଡାନ୍ତ ଫଟୋ ଭୋଟର ତାଲିକା ତା.୧.୧.୨୦୨୦ ରିଖ ଠାରୁ ତା.୧୫.୧.୨୦୨୦ ରିଖ ମଧ୍ୟରେ ପ୍ରକାଶ କରାଯିବ ।

ଅନୁଗୋଳ, ତା.୧୬.୦୮.:- ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଆସନ୍ତା ଅକ୍ଟୋବର ମାସ ୧୫ ତାରିଖରୁ ସମଗ୍ର ଜିଲ୍ଲାରେ ଆରମ୍ଭ କରାଯାଇ ଚିଠା ଭୋଟର ତାଲିକା ପ୍ରକାଶ ପାଇବ । ଏଥି ନିମନ୍ତେ ଗତ ୧୪ ତାରିଖରେ ସମସ୍ତ ରାଜନୈତିକ ଦଳ ମାନଙ୍କୁ ନେଇ ଏକ ବୈଠକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ତାଂଙ୍କ କୋର୍ଟରୁମଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଉପସ୍ଥିତ ସଦସ୍ୟ ମାନଙ୍କୁ ସ୍ୱାଗତ ଜଣାଇବା ସହ ସ୍ୱଚ୍ଛ ଭୋଟର ତାଲିକା ଦୃଢ ଗଣତନ୍ତ୍ର ନିମନ୍ତେ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ଭୋଟର ସତ୍ୟପ୍ରମାଣ କାର୍ଯ୍ୟକ୍ରମ **(Electors verification programme)** ସେପ୍ଟେମ୍ବର ମାସ ୧ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅବଧି ମଧ୍ୟରେ ମତଦାତା ମାନେ **Voter Help Line App, NVSP Portal, CSCs** କିମ୍ବା ଇଲେକ୍ଟୋରାଲ ଅଫିସରଙ୍କ କାର୍ଯ୍ୟାଳୟରେ ଖୋଲାଯାଇଥିବା ଭୋଟର ସହାୟତା କେନ୍ଦ୍ରରୁ ଆବଶ୍ୟକ ସହାୟତା ନେଇପାରିବେ । ବୁଥ୍ ସ୍ତରୀୟ ଅଧିକାରୀମାନେ ଚଳିତ ମାସ ୧୭,୧୮ ତାରିଖ ଓ ୨୪.୨୫ ତାରିଖ ରେ ପୋଲିଙ୍ଗ ଷ୍ଟେସନ (ବୁଥ) ରେ ଉପସ୍ଥିତ ରହି ଉପରୋକ୍ତ ଯାଞ୍ଚ କରିବେ । ଯାଞ୍ଚ ନିମନ୍ତେ ଭୋଟରମାନେ ନିଜର ପାସପୋର୍ଟ, ଡ୍ରାଇଭିଂ ଲାଇସେନ୍ସ, ଆଧାର କାର୍ଡ, ରାସନ କାର୍ଡ କିମ୍ବା କମିଶନଙ୍କ ଦ୍ୱାରା ଅନୁମୋଦିତ ଦସ୍ତାବିଜ ଦେଖାଇ ଭୋଟର ତାଲିକାର ତଥ୍ୟ ଅଧିପ୍ରମାଣିତ କରିବେ । ୨୦୦୨ ମସିହା ଜାନୁଆରୀ ମାସ ୧ ତାରିଖ ରୁ ୨୦୦୩ ଜାନୁଆରୀ ୧ ତାରିଖ ମଧ୍ୟରେ ଜନ୍ମଗ୍ରହଣ କରିଥିବା ଯୋଗ୍ୟ ପ୍ରାର୍ଥୀ ମାନଙ୍କଠାରୁ ଫର୍ମ ୬ରେ ଦରଖାସ୍ତ ସଂଗ୍ରହ କରାଯିବ । ଆସନ୍ତା ସେପ୍ଟେମ୍ବର ମାସ ୧ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ବୁଥ୍ ଲେଭଲ ଅଫିସରମାନେ ଘରକୁ ଘର ବୁଲି ଭୋଟର ତାଲିକାରେ ଥିବା ତଥ୍ୟର ସଠିକତା ଯାଞ୍ଚ କରିବେ । ଭୋଟର ତାଲିକା ସଂଶୋଧନ ସଂକ୍ରାନ୍ତୀୟ ତଥ୍ୟ ଜାଣିବା ନିମନ୍ତେ ପ୍ରାର୍ଥୀ ଦେୟମୁକ୍ତ ନମ୍ବର ୧୯୫୦ରେ ଯୋଗାଯୋଗ କରିପାରିବେ । ଆପତ୍ତି ଅଭିଯୋଗ ଗ୍ରହଣ କରିବାର ଅବଧି ୨୦୧୯ ଅକ୍ଟୋବର ମାସ ୧୫ ତାରିଖରୁ ନଭେମ୍ବର ମାସ ୩୦ ତାରିଖ ରଖାଯାଇଥିବା ବେଳେ ଅଭିଯୋଗ ଗୁଡିକର ସମାଧାନ ଡିସେମ୍ବର ମାସ ୩୧ ସୁଦ୍ଧା କରାଯିବ । ଚୂଡାନ୍ତ ଭୋଟର ତାଲିକା ୨୦୨୦ ମସିହା ଜାନୁଆରୀ ୧ ତାରିଖରୁ ୧୫ ତାରିଖ ମଧ୍ୟରେ ପ୍ରକାଶ କରାଯିବା ନିମନ୍ତେ 'ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମର ସଫଳତା ପାଇଁ ଜିଲ୍ଲାପାଳ ଜନସାଧାରଣଙ୍କ ଆନ୍ତରିକ ସହଯୋଗ କାମନା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଂଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଡେପୁଟି କଲେକ୍ଟର (ଇଲେକ୍ସନ)ଶ୍ରୀ ଲମ୍ବୋଦର ମାଣ୍ଡି ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଜଗଦୀଶ ରାୟ,ବିଜୁ ଜନତା ଦଳର ପ୍ରିୟଦର୍ଶୀ ପଟ୍ଟନାୟକ,କମ୍ୟୁନିଷ୍ଟ ପାର୍ଟି ଅଫ ଇଣ୍ଡିଆର ରମେଶ ଚନ୍ଦ୍ର ପଣ୍ଡା ଓ ବହୁଜନ ସମାଜ ପାର୍ଟିର କୁମୁଦ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ ।